## ସାପ୍ତାହିକ କାର୍ଯ୍ୟକ୍ରମ

**୨୯।୯।୧୯**
**ଅନୁଗୋଳ**
- ସ୍ୱତନ୍ତ୍ର ଅଭିଯାନ ଦିବସ
ସ୍ଥାନ: ଭୋଟ ଗ୍ରହଣ କେନ୍ଦ୍ର
ସମୟ: ପୂର୍ବାହ୍ନ ୯ଟା।
- ସେଣ୍ଟ୍ରାଲ ପୂଜା କମିଟି ବୈଠକ
ସ୍ଥାନ: ଟ୍ରକ୍ ମାଲିକ ଆସୋସିଏଶନ
ସମୟ: ମଧ୍ୟାହ୍ନ ୧୨ଟା।

**୩୦।୯।୧୯**
**ଅନୁଗୋଳ**
- ମିଳିତ ଜନଶୁଣାଣି ଶିବିର
ସ୍ଥାନ: ଜିଲା କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।
- ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା
ସ୍ଥାନ: ଅନୁଗୋଳ କଲେଜ, ମହିଳା କଲେଜ
ସମୟ: ପୂର୍ବାହ୍ନ ୧୦ଟା।

**୧।୧୦।୧୯**
**ଅନୁଗୋଳ**
- ସର୍ବବୃହତ୍ ନିର୍ବାଚନ ଯାଞ୍ଚ କାର୍ଯ୍ୟକ୍ରମ
ସ୍ଥାନ: ଜିଲା କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୧ଟା।

**୨।୧୦।୧୯**
**ଅନୁଗୋଳ**
- ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ
ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ
ସମୟ: ପୂର୍ବାହ୍ନ ୮ଟା।

**୪।୧୦।୧୯**
**ଅନୁଗୋଳ**
- ଷଷ୍ଠୀ ପୂଜା ଉପଲକ୍ଷେ କଳସ ଯାତ୍ରା
ସ୍ଥାନ: ପଣ୍ଡପୁର
ସମୟ: ସକାଳ ୭ଟା।
- ଷଷ୍ଠୀ ପୂଜା ଏବଂ କଳସ ଯାତ୍ରା
ସ୍ଥାନ: ରାଣୀଗୋଡ଼ା
ସମୟ: ସକାଳ ସାଢ଼େ ୭ଟା।

# ହେଟା ଆକ୍ରମଣରେ ଜଣେ ଗୁରୁତର

**ବନ୍ତଳା/ଛେଣ୍ଡିପଦା/ଅନୁଗୋଳ, ୨୮।୯(ଡି.ଏନ.ଏ.)**


ଅନୁଗୋଳ ମେଡିକାଲରେ ଚିକିତ୍ସା ପରେ ଗୁରୁତରଙ୍କୁ କଟକ ପଠାଯାଉଛି।

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ତୁଳିଆ ଫରେଷ୍ଟ ବିଟ୍ ଅଧୀନରେ ଥିବା କମ୍ପାର୍ଟମେଣ୍ଟ ୩ କୁରୁଟାପ ଜଙ୍ଗଲକୁ ଶନିବାର ସକାଳେ ଛତୁ ତୋଳିବାକୁ ଯାଇଥିବା ଅନ୍ତୁଳିଆ ଗ୍ରାମର ଚିତ୍ତ ଦଳବେହେରା(୫୫) ହେଟା ବାଘ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେଠାରୁ କଟକ ବଡ଼ମେଡିକାଲ ପଠାଇ ଦିଆଯାଇଛି। ଖବରପାଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଗୁରୁତରଙ୍କ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ସେହିପରି ଅନୁଗୋଳ ଡିଏଫ୍ଓ ଭି. କାର୍ତ୍ତିକ ମଧ୍ୟ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବିଭାଗ ପକ୍ଷରୁ ଏକଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ପ୍ରକାଶ ଯେ, ଚିତ୍ତ ଓ ତାଙ୍କ ପୁତୁରା ବିଦ୍ୟାଧର ଦଳ ବେହେରା(୩୫) ଛତୁ ତୋଳିବା ପାଇଁ ଜଙ୍ଗଲ ଭିତରକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ଅଜଣା ଜନ୍ତୁ ସେମାନଙ୍କୁ ଆକ୍ରମଣ କରିଥିଲା। ବିଦ୍ୟାଧର ଗଛ ଉପରକୁ ଚଢି ଯାଇଥିବା ବେଳେ ଚିତ୍ତ ଉକ୍ତ ଜନ୍ତୁ ହାବୁଡ଼ରେ ପଡି ଯାଇଥିଲେ। ଫଳରେ ତାଙ୍କ ବାମ ହାତ, ମୁଣ୍ଡ ଓ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ବିଦ୍ୟାଧରଙ୍କ ପାଟି ଶୁଣି କେତେଜଣ ଗାଈ ଚରାଳି ପ୍ରଥମେ ସେଠାରେ ପହଞ୍ଚିଥିଲେ। ପରେ ଅନ୍ତୁଳିଆ ଗ୍ରାମ ସଭାପତି ଭରତ ଚନ୍ଦ୍ର ସାହୁ, ବେଣୁଧର ଦଳବେହେରା ପ୍ରମୁଖ ଖବର ଦେବା ପରେ ବନ ବିଭାଗ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଚିତ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ମେଡିକାଲ ଆଣିଥିବା ବନ କର୍ମଚାରୀ ଟିକେଶ୍ୱର ନାଏକ ଏହା ହେଟା ଆକ୍ରମଣ ବୋଲି କହିଛନ୍ତି। ଜରପଡ଼ା ଫରେଷ୍ଟ ରେଞ୍ଜ ଅଫିସର ହୃଦାନନ୍ଦ ନାୟକ କହିଛନ୍ତି, କେଉଁ ଜନ୍ତୁ ଆକ୍ରମଣ କରିଛି ସେ ନେଇ ତଦନ୍ତ କରାଯାଉଛି। କେତେକ ଏହାକୁ ଚିତାବାଘ ଆକ୍ରମଣ କହୁଥିଲେ ବି ଏହି ରେଞ୍ଜରେ ଆଦୌ ଚିତାବାଘ ନାହାନ୍ତି। ଅନୁଗୋଳ ଡିଏଫଓ ଭି.କାର୍ତ୍ତିକ କହିଛନ୍ତି, କ୍ଷତ ଚିହ୍ନକୁ ଦେଖିଲେ ଏହା ହେଟା ବାଘ ଆକ୍ରମଣ ବୋଲି ଜଣାପଡୁଛି। ତଥାପି ଘଟଣାସ୍ଥଳକୁ ରେଞ୍ଜ ଅଧିକାରୀଙ୍କୁ ପଠାଯାଇଛି। ପାଦ ଚିହ୍ନରୁ ଏହା ହେଟା କି ଅନ୍ୟ କୌଣସି ଜନ୍ତୁ ତାହା ସୁନିଶ୍ଚିତ କରାଯିବ। ଗୁରୁତର ଚିତ୍ତଙ୍କୁ ବନ ବିଭାଗ ଗାଡ଼ିରେ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କ ସାଥିରେ ଜଣେ କର୍ମଚାରୀଙ୍କୁ ମଧ୍ୟ ପଠାଯାଇଛି ବୋଲି ଡିଏଫ୍ଓ ସୂଚନା ଦେଇଛନ୍ତି।

- ଛତୁ ତୋଳିବାକୁ ପୁତୁରାଙ୍କ ସହ ଯାଇଥିଲେ ଜଙ୍ଗଲକୁ
- ଚିକିତ୍ସା ଅନୁଧ୍ୟାନ କଲେ ଆଠମଲ୍ଲିକ ବିଧାୟକ
- ବନ ବିଭାଗ ଦେବ ଲକ୍ଷେ ଟଙ୍କାର ସହାୟତା




# ମେଡିକାଲ, ଆର୍‌ଟିଓରୁ ଦଲାଲ୍ ଛୁ

**ଅନୁଗୋଳ ଅଫିସ, ୨୮।୯**

ସରକାରୀ କାର୍ଯ୍ୟାଳୟ, ମେଡିକାଲରୁ ଦଲାଲଙ୍କୁ ହଟାଇବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଅନୁଗୋଳ ପୋଲିସର ଘନ ଘନ ଚଢ଼ାଉ କାମ ଦେଇଛି। ଶୁକ୍ରବାର ୭ଜଣଙ୍କୁ ଗିରଫ କରାଯାଇଥିବାରୁ ଏବେ ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏପରିକି ଆରଟିଓ ଏବଂ ମେଡିକାଲ ପରିସରରୁ ଅନ୍ୟ ଦଲାଲମାନେ ଛୁ ମାରିଥିବା ଜୋରଦାର ଚର୍ଚ୍ଚା ହେଉଛି। ଶନିବାର ଜଣେ ହେଲେ ବି ଦଲାଲଙ୍କୁ ଗିରଫ କରାଯାଇ ନ ଥିବାରୁ ଏହି ଆଲୋଚନା ଏବେ ଜୋର୍ ଧରିଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ମୁଖ୍ୟାଳୟଠାରୁ ଆରମ୍ଭ କରି ମୁଖ୍ୟ ଚିକିତ୍ସାଳୟ, ଆରଟିଓ କାର୍ଯ୍ୟାଳୟ ଆଦିରେ ଅନେକ ଦଲାଲ ଆଡ୍ଡା ଜମାଉଥିଲେ। ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସୁଥିବା ଲୋକଙ୍କୁ ସେମାନେ ଶୋଷଣ କରୁଥିଲେ। ଏପରିକି କର୍ମଚାରୀଙ୍କ ପରି ଚେୟାର ଟେବୁଲ ପକାଇ ଫାଇଲ କାମ କରୁଥିଲେ। କିନ୍ତୁ ଶନିବାର ଏପରି କିଛି ଦେଖିବାକୁ ମିଳିନାହିଁ। ସକାଳେ ଆରଟିଓ କାର୍ଯ୍ୟାଳୟଠାରୁ ଆରମ୍ଭ କରି ମେଡିକାଲ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟାଳୟରେ ପୋଲିସ ପଇଁତରା ମାରିଥିଲା। ଏପରି କି ସାଦା ପୋଷାକରେ ମଧ୍ୟ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ରହିଥିଲେ। କିଏ କ'ଣ କରୁଛି, କେଉଁମାନେ ମେଡିକାଲକୁ ଆସୁଥିବା ରୋଗୀଙ୍କ ସହ କଥା ହେଉଛନ୍ତି ସେମାନଙ୍କ ଉପରେ ନଜର ରଖାଯାଇଥିଲା। ସେହିପରି ଆରଟିଓ କାର୍ଯ୍ୟାଳୟରେ ମଧ୍ୟ ଦଲାଲ ସକ୍ରିୟ ରହିଛନ୍ତି କି ନାହିଁ ତାହା ଦେଖାଯାଉଥିଲା। ତେବେ ଏହି ଦୁଇ କାର୍ଯ୍ୟାଳୟରୁ କୌଣସି ଦଲାଲ ପୋଲିସ ହାତରେ ଧରାପଡ଼ି ନ ଥିଲେ। ଶୁକ୍ରବାର ପୋଲିସ ୭ ଜଣ ଦଲାଲଙ୍କୁ ଧରି କୋର୍ଟ ଚାଲାଣ କରିଥିବାରୁ ଅନ୍ୟ ଦଲାଲମାନେ ଏବେ ଜିଲାପାର ହୋଇ ଯାଇଥିବା ଚର୍ଚ୍ଚା ହେଉଛି। ଆଉ କେତେଜଣ ତାଙ୍କ କାର୍ଯ୍ୟ ଛାଡ଼ି ସୁରକ୍ଷିତ ସ୍ଥାନରେ ଯାଇ ଆତ୍ମଗୋପନ କରିଥିବା କୁହାଯାଉଛି। ଅପରପକ୍ଷରେ ମାସର ଚତୁର୍ଥ ଶନିବାର ବିଭିନ୍ନ କାର୍ଯ୍ୟାଳୟ ପ୍ରଥମାର୍ଦ୍ଧରେ ଖୋଲା ଥିଲେ ମଧ୍ୟ ଅନେକ ଅଧିକାରୀଙ୍କ ଦେଖା ନ ଥିଲା।

## ସଂକ୍ଷେପରେ

### ଅଟୋରୁ ପଡ଼ି ବ୍ୟବସାୟୀ ମୃତ

ଅନୁଗୋଳ ଅଫିସ, ୨୮।୯- ଛେଣ୍ଡିପଦା ଥାନା କୋଶଳା ଗ୍ରାମର ଧାନ ବ୍ୟବସାୟୀ ଭରତ କୁମାର ସାହୁ(୪୫) ଅଟୋରୁ ଖସିପଡ଼ି ଶନିବାର ପ୍ରାଣ ହରାଇଛନ୍ତି। ଭରତ ତାଙ୍କ ଅଟୋରେ ଧାନ ଓ ଅନ୍ୟ ଲୋକଙ୍କୁ ଧରି ଛେଣ୍ଡିପଦାକୁ ବ୍ୟବସାୟ ପାଇଁ ଆସିଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ସମୟରେ ତାଙ୍କ ମୁଣ୍ଡ ବୁଲାଇବାରୁ ସେ ଅଟୋରୁ ଖସି ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ କୋଶଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି।

# ପାଚିକା ସହାୟିକାଙ୍କ ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ପାଚିକାମାନେ।

**ବଇଣ୍ଡା,୨୮।୯(ଡି.ଏନ.ଏ.)**

କିଶୋରନଗର ବରପଡ଼ିଆଠାରେ ଶନିବାର ବ୍ଲକର ବିଭିନ୍ନ ଅଙ୍ଗନୱାଡ଼ିରେ କାମ କରୁଥିବା ପାଚିକା ସହାୟିକାମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସରୋଜିନୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅତିଥି ଭାବେ ଏଆଇୟୁଟିସିର ଜିଲା ସମ୍ପାଦକ ତଥା ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ଆବାହକ ବ୍ରଜବନ୍ଧୁ ସାହୁ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ, ସତ୍ୟଭାମା ସାହୁ, ଶୋଭାଙ୍ଗିନୀ ସାହୁ, ପୁଷ୍ପାଞ୍ଜଳି ନାୟକ, ଶକୁନ୍ତଳା ସାହୁ, ଅଞ୍ଜଳି ସାହୁ, ଲକ୍ଷ୍ମୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାର ସବୁକ୍ଷେତ୍ରରେ ପାଚିକା ସହାୟିକାମାନଙ୍କୁ ଅବହେଳା କରୁଛନ୍ତି। ଏପରିକି ସେମାନଙ୍କ ବିଭିନ୍ନ ଦାବିକୁ ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ କରାଯିବା ସହ ତୁରନ୍ତ ସରକାର ମାସିକ ଦରମା ୨୧ ହଜାର କରିବା, ଅବସରକାଳୀନ ପେନସନ, ୨୮ ମାସର ବକେୟା ଦରମା ପ୍ରଦାନ, ମଧ୍ୟାହ୍ନଭୋଜନ ବ୍ୟବସ୍ଥାର ଘରୋଇକରଣ ବନ୍ଦ କରିବା ଆଦି ୧୨ ଦଫା ଦାବିକୁ ନେଇ ଏକ ଦାବିପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ଟ୍ରେନ୍‌ରେ କଟି ବୃଦ୍ଧ ଗୁରୁତର

**ଅନୁଗୋଳ ଅଫିସ, ୨୮।୯**

ଅନୁଗୋଳ ରେଳ ଷ୍ଟେଶନରେ ଜଣେ ୭୦ ବର୍ଷୀୟ ବୃଦ୍ଧ ଅପ୍ରତି ବେହେରା ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କର ଦୁଇ ହାତ କଟିଯାଇଛି। ତାଙ୍କ ଘର ଖୋର୍ଦ୍ଧା ଜିଲା ମୁକୁନ୍ଦ ପ୍ରସାଦଠାରେ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଖୋର୍ଦ୍ଧାରୁ ୩ ଦିନ ତଳେ ଅପ୍ରତି ପଳାଇ ଆସି ଭୁବନେଶ୍ୱରରେ ରହୁଥିଲେ। ଶନିବାର ପୁରୀ–ରାଉରକେଲା ପାସେଞ୍ଜର ଟ୍ରେନ୍‌ରେ ସେ ଭୁବନେଶ୍ୱରରୁ ଚଢ଼ିଥିଲେ। ଟ୍ରେନ୍ ଅନୁଗୋଳ ଷ୍ଟେଶନରେ ରହିବା ପରେ ସେ ପ୍ଲାଟଫର୍ମ ପାର୍ଶ୍ୱରେ ନ ଓହ୍ଲାଇ ଅନ୍ୟପାର୍ଶ୍ୱରେ ଓହ୍ଲାଉ ଥିବାବେଳେ ଟ୍ରେନ୍ ଛାଡ଼ି ଦେବାରୁ ଖସିପଡ଼ିଥିଲେ। ରେଳବାଇ ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା।

## ଅନୁଗୋଳ ପୌରପାଳିକାର ଅଜବ ନୀତି

# ଆଗେ ପ୍ରଚାର, ପରେ ପଲିଥିନ ଚଢ଼ାଉ

**ଅନୁଗୋଳ ଅଫିସ, ୨୮।୯**



ଅକ୍ଟୋବର ୨ରୁ ସହରାଞ୍ଚଳରେ ପଲିଥିନ ବନ୍ଦ ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଅନୁଗୋଳ ପୌରପାଳିକା ପକ୍ଷରୁ ସହରରେ ପଲିଥିନକୁ ନିଷେଧ କରାଯାଇଛି। ଅନୁଗୋଳ ଜିଲାକୁ ପଲିଥିନ ମୁକ୍ତ କରିବାକୁ ଜିଲାପାଳ ବି ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏଯାଏ ସହରରେ ଏହାର ପ୍ରଭାବ ପଡ଼ି ନ ଥିବା ସାଧାରଣରେ ଅଭିଯୋଗ ହେଉଛି। କାରଣ ଏବେ ବି ବଜାରରେ ମାଳ ମାଳ ପଲିଥିନ କାରବାର ହେଉଛି। ଏହାକୁ ରୋକିବାରେ ଏକପ୍ରକାର ବିଫଳ ହୋଇଥିବା ପୌର ପ୍ରଶାସନର ଏକ ଅଜବ ନୀତି ଏବେ ପଦାକୁ ଆସିଛି। ଶନିବାର ସହରରେ ଚଢ଼ାଉ ପୂର୍ବରୁ ପଲିଥିନ ବ୍ୟବହାର ନ କରିବାକୁ ପୌରପାଳିକା ପକ୍ଷରୁ ପ୍ରଚାର ଗାଡ଼ି ବୁଲାଯିବା ଚର୍ଚ୍ଚାର ବିଷୟ ହୋଇଛି। ଏପରି କି ଚଢ଼ାଉ ବେଳେ ଗୋଟିଏ ହେଲେ ବି ପଲିଥିନ ଜବତ କରାଯାଇ ନ ଥିବାରୁ ଉକ୍ତ ଚର୍ଚ୍ଚାକୁ ଏହା ଅଧିକ ଖୋରାକ ଯୋଗାଇଛି।

ସହରବାସୀଙ୍କ କହିବା ଅନୁଯାୟୀ, ଅନୁଗୋଳ ପୌରପାଳିକାକୁ ପଲିଥିନ ମୁକ୍ତ କରିବାକୁ ପୌର ପ୍ରଶାସନ ଶତପ୍ରତିଶତ ଉଦ୍ୟମ କରୁନାହିଁ। ସକାଳୁ ରାତି ଯାଏ ବଜାରରେ ବିଭିନ୍ନ ବ୍ୟବସାୟୀ ପୁଳା ପୁଳା ପଲିଥିନ କାରବାର କରୁଛନ୍ତି। ସାମଗ୍ରୀମାନ ପୂରାଇ ଗ୍ରାହକଙ୍କ ହାତକୁ ବଢ଼ାଇ ଦେଉଛନ୍ତି। ହେଲେ ପୌର ଅଧିକାରୀ ଚଢ଼ାଉ କଲାବେଳେ ପଲିଥିନ କିପରି ମିଳୁନାହିଁ। ସହରର ବ୍ୟବସାୟୀଙ୍କୁ ପଲିଥିନ ଯୋଗାଉଥିବା କେତେଜଣ ବ୍ୟବସାୟୀ ଉପକଣ୍ଠରେ ଗୋଦାମ କରିଛନ୍ତି। ସେମାନଙ୍କ ଲୋକ ଦୋକାନ ଦୋକାନ ବୁଲି କାହାର କେତେ ପଲିଥିନ ଆବଶ୍ୟକ ତାହାର ଅର୍ଡର ନେଉଛନ୍ତି। ଦୈନିକ ଖୋଲାଖୋଲି ଏପରି କାରବାର ହେଉଥିଲେ ବି ପୌରପାଳିକାର ନଜର କିପରି ପଡୁନାହିଁ। ଶନିବାର ପୌରପାଳିକା ପକ୍ଷରୁ ଡାକବାଜି ଯନ୍ତ୍ରରେ ସହରରେ ପଲିଥିନ ବ୍ୟବହାର ନ କରିବାକୁ ପ୍ରଚାର କରାଯାଇଥିଲା। ଏହାର କିଛି ସମୟ ପରେ ପ୍ରଶାସନିକ ଅଧିକାରୀମାନେ ମାନେ ଦୋକାନ ଦୋକାନ ବୁଲି ଯାଞ୍ଚ କରିଥିଲେ। ଚଢ଼ାଉ ପୂର୍ବରୁ ପୌର ପ୍ରଶାସନ ବ୍ୟବସାୟୀଙ୍କୁ ଏପରି ସତର୍କ କଲେ କିପରି ପଲିଥିନ ମିଳିପାରିବ ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହରରେ ଚଢ଼ାଉ ଚାଲିଛି। କିନ୍ତୁ ଶନିବାର ଚଢ଼ାଉରେ କୌଣସି ପଲିଥିନ ମିଳିନାହିଁ। ତେବେ ଦୋକାନୀଙ୍କ ଉଦ୍ଦେଶ୍ୟରେ ପ୍ରଚାର ଗାଡ଼ି ବୁଲି ନ ଥିଲା। ଲୋକଙ୍କୁ ସଚେତନ କରିବାକୁ ପ୍ରଚାର କରାଯାଇଥିବା ପଣ୍ଡା ପ୍ରକାଶ କରିଛନ୍ତି।

# ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ


ଇଣ୍ଡିଆନ୍ ୟୁଥ୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

**ତାଳଚେର,୨୮।୯(ନି.ପ୍ର.)**

ଟ୍ରାଫିକ୍ ନିୟମକୁ କିଭଳି ଜନସାଧାରଣ ମାନିବେ ସେଥିପାଇଁ ଇଣ୍ଡିଆନ୍ ୟୁଥ୍ ଆସୋସିଏଶନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ତାଳଚେର ହାଣ୍ଡିଧୂଆ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ୍ ୟୁଥ୍ ଆସୋସିଏଶନ ସଦସ୍ୟ ଶିବ ପ୍ରସାଦ ବେହେରା, ବିଘ୍ନେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ 'ମୁଁ ମାନୁଛି ଆପଣମାନେ ବି ମାନନ୍ତୁ' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତାଳଚେର ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା ଯୋଗଦେଇ ଟ୍ରାଫିକ୍ ନିୟମ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କ୍ଷୀରୋଦ ସାହୁ ଯୋଗଦେଇ ବାଇକ୍ ଚାଳକମାନଙ୍କୁ 'ମୋ ହେଲମେଟ୍ ମୋ ଜୀବନ'ର ବାର୍ତ୍ତା ଦେଇ ହେଲମେଟ୍ ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ଇଣ୍ଡିଆନ୍ ୟୁଥ୍ ଆସୋସିଏଶନ ଓଡ଼ିଶା ଶାଖା ଲୋକ ସମ୍ପର୍କ ଅଧିକାରୀ ଆଦିତ୍ୟ ସାମଲ, ନରହରି ପ୍ରିୟା ଗଡନାୟକ ଉପସ୍ଥିତ ଥିଲେ। ସଂଘ ସଦସ୍ୟ ଶାନ୍ତନୁ ବେହେରା, ଶଶାଙ୍କ ଶେଖର ସାମଲ, ଭକ୍ତିପ୍ରସାଦ ପ୍ରଧାନ, ସମୀର ସାହୁ, ଶାନ୍ତନୁ ଭୁକ୍ତା, କାମଦେବ ଦେହୁରୀ, ସୁଶାନ୍ତ ଧଳ, ବୁଲୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ତାଳଚେରର ବହୁ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ସହଯୋଗ କରିଥିଲେ।

## ବଢ଼ୁଛି ତାଳଚେରବାସୀଙ୍କ ଅସନ୍ତୋଷ

# ରାଜପଥରେ ଆଣ୍ଠୁଏ ଖାଲ

**ତାଳଚେର୨୮।୯(ନି.ପ୍ର)**


ତାଳଚେର କଲେଜ ନିକଟ ୫୩ନଂ. ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା।

ତାଳଚେର ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ବାଙ୍କଧରା ଛକ ଠାରୁ ତାଳଚେର ବାଇପାସ ଅଞ୍ଚଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ଏବେ ସାଧାରଣ ଜନତାଙ୍କ ପାଇଁ ମରଣଯନ୍ତା ପାଲଟିଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ପ୍ରଶାସନ, ଜାତୀୟ ରାଜପଥ ବିଭାଗ ଅବଗତ ଥିଲେ ବି କିଛି ନ ଜାଣିଲା ଭଳି ଚୁପ୍ ରହୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ପ୍ରକାଶ ଯେ, ଦୀର୍ଘ ବର୍ଷ ଧରି ଡେରା– ହାଣ୍ଡିଧୂଆଁ ଛକ– ପବିତ୍ରମୋହନ ଛକ ଦେଇ କୋଇଲା ଟ୍ରକ୍‌ଗୁଡ଼ିକ ଯାତାୟାତ କରୁଥିଲା। ଅଞ୍ଚଳବାସୀଙ୍କ ପ୍ରବଳ ବିରୋଧ, ବାରମ୍ବାର ଆନ୍ଦୋଳନ ପରେ ୨୦୧୬ ଡିସେମ୍ବରରୁ ଉକ୍ତ ରାସ୍ତାରେ କୋଇଲା ଟ୍ରକ୍ ଓ ଭାରିଯାନ ଚଳାଚଳ ବନ୍ଦ ରଖାଯାଇ କୋଲ୍ କରିଡର ଭାବେ ସହରର ମୁଖ୍ୟ ରାସ୍ତା ୫୩ ନମ୍ବର ରାଜପଥର ବାଙ୍କଧରା ଛକ, କଲେଜ, ବସ୍‌ଷ୍ଟାଣ୍ଡ, ବାଇପାସ ଛକ, ପବିତ୍ରମୋହନ ଛକ ଦେଇ କୋଇଲା ଟ୍ରକ୍ ଚଳାଚଳ ପାଇଁ ପ୍ରଶାସନ ନିଷ୍ପତ୍ତି ନେଲା। ଏହାପରଠାରୁ ସହର ମଧ୍ୟ ଦେଇ ରାଜପଥରେ ଦୈନିକ ହଜାର ହଜାର ଟ୍ରକ୍ ଚଳାଚଳ କରିବାରୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଖରାହେଲେ ପ୍ରବଳ ଧୂଳି ଉଡି ପ୍ରଦୂଷଣସ୍ତରକୁ ବଢ଼ାଇ ଦେଉଥିବା ବେଳେ ବର୍ଷା ଦିନେ ଆଣ୍ଠୁଏ ଲେଖାଁଏ କାଦୁଅ ଲୋକଙ୍କ ଯାତାୟାତକୁ କଷ୍ଟକର କରିଦେଇଛି। ବିଶେଷକରି ବାଙ୍କଧରା ଛକ ଠାରୁ କଲେଜ ପର୍ଯ୍ୟନ୍ତ ରାସ୍ତାରେ ବିରାଟକାୟ ଖାଲମାନ ସୃଷ୍ଟି ହୋଇଛି। ପ୍ରତିଦିନ ଅନେକ ବାଇକ୍ ଚାଳକ ଏହି ଖାତରେ ପଡି ଆହତ ହେଉଥିବା ଅଭିଯୋଗ ବୃଦ୍ଧି ପାଉଛି। ଶୁକ୍ରବାର ଜଣେ ସ୍କୁଟି ଚାଳକଙ୍କ ଗୋଡ ଭାଙ୍ଗି ଯାଇଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରକ୍ ଛିଡା ହୋଇ ରହୁଥିବାରୁ ଭୟଙ୍କର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତାଳଚେରରୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କେନ୍ଦ୍ର ଓ ରାଜ୍ୟ ସରକାର ନେଉଥିବା ବେଳେ ଅଞ୍ଚଳବାସୀଙ୍କ ଏହି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆ ନ ଯିବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।

- ଦୈନିକ ଦୁର୍ଘଟଣାରେ ହାନି ହେଉଛି ଧନଜୀବନ
- ଯାତାୟାତ ପାଇଁ ଭୟ କରୁଛନ୍ତି ସାଧାରଣ ଲୋକେ
- ଟ୍ରକ୍ ଠିଆ ହୋଇ ରହୁଥିବାରୁ ସୃଷ୍ଟି ହେଉଛି ଟ୍ରାଫିକ ସମସ୍ୟା

DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ୨୯ ସେପ୍ଟେମ୍ବର /୨୦୧୯, Dhenkanal, Sunday, September 29 / 2019



# ଯାତ୍ରୀ ବିଶ୍ରାମାଗାର ଭଙ୍ଗା ହେଲେ ଆନ୍ଦୋଳନ

**ବଇଣ୍ଡା,୨୮।୯(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ସାନହୁଲା କ୍ରଶର ଛକଠାରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ଭାଙ୍ଗି ଦେବା ପାଇଁ ଯୋଜନା କରାଯାଉଛି। ଏହାକୁ ସାନହୁଲା କ୍ରଶରସାହି ବାସିନ୍ଦା ବିରୋଧ କରିବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଶୁକ୍ରବାର ଏକ ଅଭିଯୋଗପତ୍ର ମାଧ୍ୟମରେ ସେମାନେ ଘଟଣା ସମ୍ପର୍କରେ ଅନୁଗୋଳ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଉକ୍ତ ଅଭିଯୋଗପତ୍ରର ନକଲ ଆଠମଲ୍ଲିକ ଉପଜିଲାପାଳ, ତହସିଲଦାର, ଠାକୁରଗଡ଼ ଆଇଆଇସିଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଯାତ୍ରୀଙ୍କ ସୁବିଧା ପାଇଁ ୨୦ ବର୍ଷ ତଳେ ସାନହୁଲା କ୍ରଶର ଛକଠାରେ ସରକାରୀ ଜମିରେ ଉକ୍ତ ବିଶ୍ରାମାଗାର ନିର୍ମାଣ ହୋଇଥିଲା। ଆଠମଲ୍ଲିକ, ଠାକୁରଗଡ଼, ପାଇକସାହି, ଟାପଢୋଲ, ଅନ୍ତୁଲିଆ, ବଇଣ୍ଡା, ଅନୁଗୋଳ, ସମ୍ବଲପୁର ଆଦି ବିଭିନ୍ନ ସ୍ଥାନକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଏହି ବିଶ୍ରାମାଗାର ଯୋଗୁ ଉପକୃତ ହେଉଛନ୍ତି। ହେଲେ ବ୍ୟକ୍ତିଗତ ସ୍ୱାର୍ଥପାଇଁ କେତେଜଣ ବ୍ୟକ୍ତି ପ୍ରଶାସନ ସହାୟତାରେ ଏହି ବିଶ୍ରାମାଗାରକୁ ଭାଙ୍ଗିଦେବା ପାଇଁ ଯୋଜନା ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସନ୍ତୋଷ ନାୟକ, ଟୁନି ନାୟକ, ବନିତା ନାୟକ, କୁମୁଦିନୀ ନାୟକ, କୁଶଧ୍ୱଜ ନାୟକ, ଦିବାକର ସାହୁ, ପ୍ରତିମୟୀ ସାହୁ, ମିଲୁ ମାଝି, ସୁଶାନ୍ତ ଅଦାବର, ରମାକାନ୍ତ ମେହର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମଦ ଜବତ, ୨ ଗିରଫ

**ବଇଣ୍ଡା,୨୮।୯(ଡି.ଏନ.ଏ.):** କିଶୋରନଗର ପୋଲିସ ଶୁକ୍ରବାର ଡିମିରିମୁଣ୍ଡା ଗ୍ରାମରେ ଚଢାଉ କରି ହେମନ୍ତ ବେହେରା ଓ କରୁଣାକର ମୁଖିଙ୍କ ଘରୁ ୧୨ ଲିଟର ଦେଶୀ ମଦ ଜବତ କରିଛି। ଏଥିସହ ସେମାନଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଉଭୟେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ କିଶୋରନଗର ପୋଲିସ ଚଢାଉ କରିଥିଲା। ଏ ନେଇ ନଂ. ୧୧୪/୧୯ ଏବଂ ୧୧୫/୧୯ରେ ମାମଲା ରୁଜୁ କରାଯାଇଛି।

# ସ୍କୁଲସ୍ତରୀୟ ଦୁଇଦିନିଆ କ୍ରୀଡ଼ା ଉତ୍ସବ

**ଅନୁଗୋଳ ଅଫିସ, ୨୮।୯**

ଅନୁଗୋଳ ଜିଲା ସ୍କୁଲସ୍ତରୀୟ କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଭବାନୀ ଶଙ୍କର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଖେଳୁଆଡ଼ ମନୋଭାବ ନେଇ ଶୃଙ୍ଖଳା ସହ ଖେଳିବାକୁ ପରାମର୍ଶ ଦେଇଥିଲେ। ଏହି ଦୁଇ ଦିନିଆ କ୍ରୀଡ଼ାରେ କବାଡ଼ି, ଖୋଖୋ ଓ ଫୁଟବଲ ବିଭାଗରେ ଉଭୟ ବାଳିକା ଓ ବାଳକ (୧୪ରୁ ୧୭ ବର୍ଷ) ବର୍ଗର ଚୟନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଚୟନ କରାଯାଇଥିବା ଖେଳାଳିମାନଙ୍କୁ ପୂଜା ଛୁଟି ପରେ ରାଜ୍ୟର ବିଭିନ୍ନ ସ୍ଥାନକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ପଠାଯିବ। ଏଥିରେ ୮ଟି ବ୍ଲକର ୯୨୨ ଜଣ ଖେଳାଳି, ଅଫିସିଆଲ ଓ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶାରୀରିକ କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ପରିଚାଳନା କରିଥିବାବେଳେ ଅନ୍ୟମାନେ ସହଯୋଗ କରିଥିଲେ।

# ବାଇକ୍‌ରୁ ପଡ଼ି ନାଲ୍‌କୋ କର୍ମଚାରୀ ଗୁରୁତର

**ବଣ୍ଟାଁରପାଳ,୨୮।୯(ଡି.ଏନ.ଏ.)**

ନାଲ୍‌କୋ-ସିପିପି ରାସ୍ତାରେ ଶନିବାର ବାଇକ୍‌ରୁ ଖସିପଡ଼ି ନାଲ୍‌କୋର ଜଣେ କର୍ମଚାରୀ ଏମ୍.ସି. ମାଲିକ ଗୁରୁତର ହୋଇଛନ୍ତି। ସେ ପ୍ଲାଣ୍ଟ ଅଭିମୁଖେ ଯାଉଥିବାବେଳେ ଏକ କୁକୁର ତାଙ୍କ ବାଇକ୍ ସମ୍ମୁଖକୁ ଚାଲିଆସିବାରୁ ସେ ପଡ଼ିଯାଇଥିଲେ। ତାଙ୍କୁ ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଏହି ରାସ୍ତାରେ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ଅସନ୍ତୋଷ ଦେଖାଦେଇଛି। ଗତ କିଛିଦିନ ମଧ୍ୟରେ ୬ଟି ଦୁର୍ଘଟଣା ଉକ୍ତ ରାସ୍ତାରେ ଘଟିଥିବା ଜଣାପଡ଼ିଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ